# ସଦର, ସମଲ ଥାନା ଗୃହ ଉଦ୍‌ଘାଟିତ




ଅନୁଗୋଳ ସଦର ଥାନା ଓ ସମଲ୍ ଥାନା ଉଦ୍‌ଘାଟନ ଅବସରରେ ଅତିଥିମାନେ।

**ଅନୁଗୋଳ,୭।୩(ଜ୍ୟୋତିରଞ୍ଜନ ସାହୁ)/ ପବିତ୍ରନଗର (ନିରୋଜ ପ୍ରଧାନ)**

ଅନୁଗୋଳ ରନ୍ତଲେଇଠାରେ ଅନୁଗୋଳ ସଦର ଥାନାର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚ୍ଚୁଆଲ ମୋଡ୍‌ରେ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନୁଗୋଳଠାରେ ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ରାହୁଲ ଜୈନ, ଏସ୍‌ଡିପିଓ ରମାକାନ୍ତ ମାହାଳିକ ଓ ସଦର ଥାନା ଅଧିକାରୀ ମୃନାଲ କାର୍ଲୋ ଉପସ୍ଥିତ ଥିଲେ। ଅନୁଗୋଳ ଆଦର୍ଶ ଥାନା ଅଧୀନରେ ବହୁ ଅଞ୍ଚଳ ଥିବାରୁ ଆଉ ଏକ ଥାନା କରିବା ପାଇଁ ଦାବି ହୋଇଆସୁଥିବା ବେଳେ ୨୦୨୦ ମସିହାରେ ସରକାର ନୂତନ ଥାନା ଘୋଷଣା କରିଥିଲେ। ସଦର ଥାନାର ନିଜସ୍ୱ ଗୃହ ନ ଥିବା ହେତୁ ରନ୍ତଲେଇ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଥାନା ତିଆରି କରାଯାଇଥିଲା। ସେହିପରି କଣିହାଁ ବ୍ଲକ ସମଲ ଥାନାର ନୂତନ ଗୃହକୁମଧ୍ୟ ଉଦ୍‌ଘାଟନ କରାଯାଇଛି। ସମଲ ଥାନା ପରିସରରେ ବହୁ ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ବେଉରିଆ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭରତ ଚରଣ ସାହୁ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା, କୁଲେଇ ସରପଞ୍ଚ ଜ୍ୟୋସ୍ନାରାଣୀ ଗଡ଼ନାୟକ, ପରାବିଲ ସରପଞ୍ଚ କବିତାରାଣୀ ପ୍ରଧାନ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ବିରୁ ସରପଞ୍ଚ ଧରଣୀଧର ବେହେରା, କୁଲେଇ ସମିତି ସଭ୍ୟ ପ୍ରିୟରଞ୍ଜନ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ତୋଷମଣି ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏନ୍‌ଟିପିସି ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ନିକଟସ୍ଥ ଥାନା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସମଲ ଥାନା ଆଇଆଇସି ଅରୁଣ ଖିଲାର, ଏସ୍‌ଆଇ ରବି ବେହେରା, ଶଶୀ ବେହେରା, ବିଚିତ୍ରାନନ୍ଦ ସାହୁ, ଏଏସ୍‌ଆଇ ମାନସ ସାହୁ, ଅଜିତ ନାଏକ, ନିରୋଜକାନ୍ତ ବେହେରା, ଯାଜ୍ଞସେନୀ ଗଡନାୟକ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ




ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ,୭।୩(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବ୍ଲକସ୍ତରରେ ନିପୁଣ ମେଳାରେ ସଫଳତା ହାସଲ କରିଥିବା ୬୦ଟି ବିଦ୍ୟାଳୟର ଅଭିନବ ଶିକ୍ଷଣ ସାମଗ୍ରୀଗୁଡିକର ପ୍ରଦର୍ଶନୀ କରାଯାଇଥିବା କହିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ପିଲାମାନଙ୍କୁ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେବା ସହିତ ପଢିବା, ଲେଖିବା, ମୌଳିକ ସଂଖ୍ୟାଜ୍ଞାନ ହାସଲ ଦିଗରେ ସରକାର ଚିନ୍ତା ପ୍ରକଟ କରିଥିବାରୁ ଏହା ଶୁଭ ସଙ୍କେତ ବୋଲି ପ୍ରକାଶ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନୁଗୋଳର ଅଧ୍ୟକ୍ଷ ବିକ୍ରମ କୁମାର ସାହୁ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୌଳିକ ସାକ୍ଷରତା କ୍ଷେତ୍ରରେ ବଣ୍ଡରପାଳ ବ୍ଲକ ପ୍ରଥମ, କିଶୋରନଗର ବ୍ଲକ ଦ୍ୱିତୀୟ ଏବଂ ଅନୁଗୋଳ ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଥିଲା। ମୌଳିକ ସଂଖ୍ୟାଜ୍ଞାନ ପ୍ରତିଯୋଗିତାରେ ତାଳଚେର ବ୍ଲକ ପ୍ରଥମ, କଣିହାଁ ବ୍ଲକ ଦ୍ୱିତୀୟ ଏବଂ ପାଲଲହଡା ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଓ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ଇଚ୍ଛାପୁରରେ ଶିବ ମନ୍ଦିର ପ୍ରତିଷ୍ଠା

**ବଇଣ୍ଡା, ୭।୩ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମରେ ନିର୍ମାଣ ହୋଇଥିବା ଶିବ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲୁହାମୁଣ୍ଡା ଗ୍ରାମରୁ କଳସରେ ପାଣି ଅଣାଯିବା ପରେ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ମହାଦେବଙ୍କ ବିଗ୍ରହକୁ ନୀତି ନିୟମ ଅନୁସାରେ ପୂଜା କରାଯିବା ସହ ହୋମ ଯଜ୍ଞ, ନାମ ସଂକୀର୍ତ୍ତନରେ ଗାଁ ପରିବେଶ କମ୍ପି ଉଠିଥିଲା। ପୂଜକ ସତ୍ୟ ମୋହନ ରଥ ରୀତିନୀତିରେ ପୂଜା କରିଥିଲେ। ହୋମରେ କର୍ତ୍ତା ଭାବେ ଉତ୍ତମ କୁମାର ମାଟିଆରି, ନୟନୀ ବେହେରା, ବଂଶୀଧର ସାହୁ, ସୁକାନ୍ତି ସାହୁ, ଗଣେଶ ସାହୁ, ପ୍ରତିମା ସାହୁ ଦାୟିତ୍ୱ ତୁଲାଇଥିଲେ। ଏଥିରେ ଆଖପାଖ ଅଞ୍ଚଳରୁ ୩୦ରୁ ଅଧିକ ନାମ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଏହି ଅବସରରେ ଗ୍ରାମରେ ମିନା ବଜାର ପଡିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଭଗବାନ ପ୍ରଧାନ, ଭାଗୀରଥି ସାହୁ, ଅର୍ଜୁନ ସାହୁ, ଜେନାମଣି ସାହୁ, ପ୍ରଶାନ୍ତ ପ୍ରଧାନ, ପ୍ରମୋଦ ସାହୁ, ତପନ କୁମାର ସାହୁ, ସନାତନ ନାୟକ, ରାଜ କିଶୋର ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ପ୍ରତିଷ୍ଠା ହୋଇଥିବା ଇଚ୍ଛାପୁର ଶିବ ମନ୍ଦିର।

# ରୋଗୀ ସେବା ସହ ଟିଚିଂ ହସ୍ପିଟାଲ ଦାବି



ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦିଆଯାଇଛି।

**ତାଳଚେର,୭।୩ (ମନୋଜ ନନ୍ଦ)**

ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ କଲେଜରେ ନିଯୁକ୍ତି ପାଇଥିବା ଡାକ୍ତର ଓ ପ୍ରଫେସରଙ୍କ ଦ୍ୱାରା ପବିତ୍ର ମୋହନ ମେଡିକାଲରେ ରୋଗୀ ସେବା ଆରମ୍ଭ କରିବା ଦାବିରେ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ତାଳଚେର ମେଡିକାଲ କଲେଜରେ ଚଳିତବର୍ଷ ଠାରୁ ନାମଲେଖା ହୋଇ ପାଠପଢ଼ା ଆରମ୍ଭ ହେବ ବୋଲି ସରକାର ଘୋଷଣା କରିବା ସହ ଆନୁସଙ୍ଗିକ ବ୍ୟବସ୍ଥା ଏବଂ ୫୯ ଜଣ ଡାକ୍ତର, ପ୍ରଫେସର ନିଯୁକ୍ତି ଦେଇଛନ୍ତି। କିନ୍ତୁ ଏହି ଡାକ୍ତରମାନେ ପବିତ୍ର ମୋହନ ମେଡିକାଲ ପରିବର୍ତ୍ତେ ଅନୁଗୋଳ ଜିଲା ମେଡିକାଲରେ ଗତ ସୋମବାର ଠାରୁ ରୋଗୀ ସେବା କରୁଛନ୍ତି। ଏହାଦ୍ୱାରା ତାଳଚେର ମେଡିକାଲ କଲେଜ ନ ହେବାର ଚକ୍ରାନ୍ତ ଅନୁଭବ କରି ତାଳଚେରବାସୀଙ୍କ ପ୍ରତି ପ୍ରତାରଣା କରାଯାଉଥିବା ସନ୍ଦେହ ପ୍ରକାଶ ପାଇଛି। ତେଣୁ ଯଥାଶୀଘ୍ର ପବିତ୍ର ମୋହନ ମେଡିକାଲରେ ୫୯ ଜଣ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା ଆରମ୍ଭ କରାଯାଇ ପବିତ୍ର ମୋହନ ମେଡିକାଲ କଲେଜକୁ ଟିଚିଂ ହସ୍ପିଟାଲରେ ପରିଣତ କରିବା ପାଇଁ ତାଳଚେରବାସୀ ଦାବି କରୁଛନ୍ତି। କମିଟିର ପଦ୍ମ ଚରଣ ସାମଲ, କେଶବ ଭୂତିଆ, ସୁଶୀଲ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ସଂଗ୍ରାମ କେଶରୀ କୁଅଁର, ଅଭୟ ପାଣି, ବିନୋଦ ଲାଲ, ପ୍ରଫୁଲ୍ଲ ନାଏକ, ପ୍ରଦୀପ ମହାରଣା, ହରେକୃଷ୍ଣ ମହାପାତ୍ର, ହରିହର ଦାସ, ବିଜୟ ମିଶ୍ର, ମନମୋହନ ନାଏକ, ଉତ୍କଳ ସିଂ, ସନ୍ତୋଷ ମହାରଣା, କାଳନ୍ଦୀ ବିଶ୍ୱାଳ, ମନୋଜ ଜେନା ପ୍ରମୁଖ ସ୍ଥାନୀୟ ପ୍ରେସ୍ କ୍ଲବ ଠାରୁ ଶୋଭାଯାତ୍ରାରେ ଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେବା ସହ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି।

# ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ

**ବଇଣ୍ଡା, ୭।୩ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ତେନ୍ତୁଳିପଦର ଗ୍ରାମର ଅଗ୍ନି ବିପନ୍ନ ପରିବାରଙ୍କୁ ଶୁକ୍ରବାର ବିନିକେୟୀ ବଜରଙ୍ଗୀ ସଙ୍ଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରବର୍ଗଙ୍କୁ ଚୁଡ଼ା, ଚାଉଳ, ଡାଲି, ଗୁଡ଼, ପିନ୍ଧା ବସ୍ତ୍ର ଆଦି ପ୍ରଦାନ କରାଯାଇଥିଲା। ସଂଘ ସଭାପତି କେଶବ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଶ୍ରୀବତ୍ସ ପ୍ରଧାନ, ଅମିୟ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା, କଳ୍ପତରୁ ପ୍ରଧାନ, ପଞ୍ଚାନନ ସାହୁ, ପ୍ରଶାନ୍ତ ସାହୁ, ଛବି ନାରାୟଣ ସିଂ, ବରୁଣ ବାରିକ, ବିନୟ ପ୍ରଧାନ, ସନ୍ତୋଷ ସେଠୀ, ବାବୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ନୂତନ ଆଇନ ସମ୍ପର୍କରେ ସଚେତନତା

**ସନ୍ତ୍ରିଛକ,୭।୩(ସନ୍ତୋଷ ପରିଡ଼ା)**

ବଣ୍ଡରପାଳସ୍ଥିତ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ଜୁନିୟର କଲେଜରେ ବଣ୍ଡରପାଳ ଥାନା ପକ୍ଷରୁ ନୂତନ ଆପରାଧିକ ଆଇନ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିରୋ ଏଫ୍‌ଆଇଆର୍ ଏବଂ ଏଫ୍‌ଆଇଆର୍, ମହିଳା ସୁରକ୍ଷା, ପୀଡିତାଙ୍କ ଅଧିକାର, ସାଇବର ଅପରାଧ ଏବଂ ଏହାର ନିରାକାରଣ, ବାଲ୍ୟ ବିବାହ ଓ ଏହାର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା। ଏଥିସହିତ ମହିଳା ସଶକ୍ତୀକରଣ ଉପରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଟ୍ରେନିଂ ଆଇପିଏସ୍ ଭର୍ଷିତା ଆଡେପୁ, ଥାନାଧିକାରୀ ଦୁଷ୍ମନ୍ତ କୁମାର ସିଂହ, ଏସ୍‌ଆଇ ମନୋଜ ମିଶ୍ର, ପାଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ଜୁନିୟର କଲେଜ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଛାତ୍ର ସଂସଦ ସଭାପତି ସୌରଭ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।



ସଚେତନତା ଶିବିରରେ ପୋଲିସ ଅଧିକାରୀ ଓ କଲେଜ ଅଧ୍ୟକ୍ଷ, ଛାତ୍ର ସଂସଦ ସଭାପତି।

# ସାଙ୍ଗଠନିକ ଦିଗ ଉପରେ ଆଲୋଚନା




ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ସମ୍ମିଳନୀ ଅବସରରେ ନେତୃବୃନ୍ଦ।

**ଅନୁଗୋଳ,୭।୩(ମାନସ ବିଶ୍ୱାଳ)**

**ଭାଜପା ମହିଳା ମୋର୍ଚ୍ଚା ସମ୍ମିଳନୀ**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡ଼ିଶାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଉକ୍ତ ସମ୍ମିଳନୀରେ ବିଭିନ୍ନ ସାଙ୍ଗଠନିକ ଦିଗ ଉପରେ ଆଲୋଚନା ହୋଇଥିଲା। ମହିଳାମାନେ ଘର ଘର ବୁଲି ମୋଦିଙ୍କ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ମୃତ୍ୟୁ ପରେ ଅଙ୍ଗଦାନ କରିବା ଉପରେ ସଚେତନତା ସୃଷ୍ଟି ନିମନ୍ତେ ମତପ୍ରକାଶ ପାଇଥିଲା। ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ମହିଳା ମୋର୍ଚ୍ଚା ପ୍ରଭାରୀ ଦିଲୀପ ପ୍ରଧାନ, ପ୍ରତିମା ମିଶ୍ର, ରୋଜାଲିନ ଦାସ, ସୁଦୀପ ଗଡ଼ନାୟକ, ଶୁଚିସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ଆଲୋଚନା କରିଥିଲେ। ମହିଳା ମୋର୍ଚ୍ଚା ପଦାଧିକାରୀ ସରିତା ମିଶ୍ର, ଅପର୍ଣ୍ଣା ସାହୁ, ଜସ୍ମିନ ପ୍ରଧାନ, ସ୍ନେହଲତା ମହାରଣା, ସୁଜାତା ସାହୁ, ମଞ୍ଜୁଲତା ପ୍ରଧାନ, ତିଲୋତ୍ତମା ସାମନ୍ତ, ପଙ୍କଜିନୀ ପଣ୍ଡା, ଦୀପ୍ତିପ୍ରଭା ମହାରଣା, ମୃଣାଳିନୀ ପଟ୍ଟନାୟକ, ରେଖା ଅଗ୍ରୱାଲ, ମିତାରାଣୀ ପାତ୍ର, କବିତା ବେହେରାଙ୍କ ସମେତ ଶତାଧିକ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଆଠମଲ୍ଲିକ, ୭।୩(ଉଦୀପ୍ତ ପୁରୋହିତ)**

ରାଜ୍ୟ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଆଠମଲ୍ଲିକ ଏନ୍‌ଏସି ତରଫରୁ ୧୦ ନମ୍ବର ୱାର୍ଡରେ ଥିବା ବଡ଼ ବନ୍ଧରେ ଏକ ସାମୂହିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ ଯୋଗଦେଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ନିଜେ ଭାଗନେବା ସହିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ, ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ, ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଗକୁ ସହରର ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ବେହେରା ସୂଚନା ଦେଇଥିଲେ।




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀଙ୍କ ସହ ଅନ୍ୟମାନେ।

# ୧୦ କିଲୋୱାଟ ପିକ୍ ସୌରଶକ୍ତି କେନ୍ଦ୍ର ସ୍ଥାପିତ



ଉଦ୍‌ଘାଟନୀ ସମାରୋହରେ ବିଧାୟକଙ୍କ ସହ ଏନ୍‌ଟିପିସିର ଅଧିକାରୀ ଓ ଅନ୍ୟମାନେ।

**ତାଳଚେର,୭।୩ (ମନୋଜ ନନ୍ଦ)**

ଏନ୍‌ଟିପିସି କଣିହାଁ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ କଣିହାଁ ବ୍ଲକର ସୁରୁଙ୍ଗି ଆଶ୍ରମରେ ୧୦ କେଡବ୍ଲ୍ୟୁପି (କିଲୋୱାଟ ପିକ) ସୌରଶକ୍ତି କେନ୍ଦ୍ର ସଫଳତାର ସହ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିଛି। ଏହି ସବୁଜ ପଦକ୍ଷେପ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରି ଶକ୍ତିର ଏକ ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଉତ୍ସ ପ୍ରଦାନ କରିବ। ଗୁରୁବାର ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି, ଏନ୍‌ଟିପିସି କଣିହାଁ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ସେହଗଲ, ମାନବ ସମ୍ବଳ ମୁଖ୍ୟ ନବନୀତ କୁମାର,ଏଜିଏମ (ଇଏମଡି) ଏମ୍. ପାଣିଗ୍ରାହୀ, ଅତିରିକ୍ତ ମହାପ୍ରବନ୍ଧକ (ଏଏମଡି) ସୁରେଶ ଚନ୍ଦ୍ର ବେହେରା, ଅନୁଗୋଳ ଜିଲା ପରିଷଦ ସଦସ୍ୟ, କଣିହାଁ ବ୍ଲକ ଅଧ୍ୟକ୍ଷ, କମରେଇ ସରପଞ୍ଚ,ଏନ୍‌ଟିପିସିର ଅନ୍ୟାନ୍ୟ ଅଧିକାରୀ ଏବଂ ଆଖପାଖ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଧାୟକ ପ୍ରଧାନ ଏହି ଅଞ୍ଚଳର ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସ୍ଥାୟୀ ଶକ୍ତି ସମାଧାନର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ଏହି ନବୀକରଣୀୟ ଶକ୍ତି ପଦକ୍ଷେପ ମାଧ୍ୟମରେ ପରିବେଶଗତ ଏବଂ ସାମାଜିକ-ଆର୍ଥିକ କଲ୍ୟାଣ ପାଇଁ ଏନ୍‌ଟିପିସି କଣିହାଁ ପ୍ରତିବଦ୍ଧତା ପାଇଁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ, ଏନଟିପିସି କଣିହାଁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ସେହଗଲ ଏନ୍‌ଟିପିସିର ଚାଲୁଥିବା ଏବଂ ଭବିଷ୍ୟତର ସବୁଜ ପ୍ରୟାସ ଉପରେ ଆଲୋକପାତ କରିଥିଲେ।

# ଏନ୍‌ଟିପିସି କଣିହାଁ ପକ୍ଷରୁ କମ୍ୟୁନିଟି ହଲ୍ ଲୋକାର୍ପିତ

**ତାଳଚେର,୭।୩ (ମନୋଜ ନନ୍ଦ)**

ଏନ୍‌ଟିପିସି କଣିହାଁ ପକ୍ଷରୁ କମରେଇ ଗ୍ରାମ ପଞ୍ଚାୟତର ଗଣ୍ଡବେରଣା ଗ୍ରାମରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବା ସହ ଏହାକୁ ହସ୍ତାନ୍ତର କରାଯାଇଛି। ଗୁରୁବାର ଏହାର ଉଦ୍‌ଘାଟନ ସମାରୋହରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି, ଏନ୍‌ଟିପିସି କଣିହାଁ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ସେହଗଲ, ମାନବ ସମ୍ବଳ ମୁଖ୍ୟ ନବନୀତ କୁମାର,ଏଜିଏମ (ଇଏମଡି) ଏମ୍. ପାଣିଗ୍ରାହୀ, ଅତିରିକ୍ତ ମହାପ୍ରବନ୍ଧକ (ଏଏମଡି) ସୁରେଶ ଚନ୍ଦ୍ର ବେହେରା, ଅନୁଗୋଳ ଜିଲା ପରିଷଦ ସଦସ୍ୟ, କଣିହାଁ ବ୍ଲକ ଅଧ୍ୟକ୍ଷ, କମରେଇ ସରପଞ୍ଚ,ଏନ୍‌ଟିପିସିର ଅନ୍ୟାନ୍ୟ ଅଧିକାରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକଳ୍ପ ମୁଖ୍ୟ ଅଶୋକ କୁମାର ସେହଗଲ ଆଖପାଖ ଅଞ୍ଚଳର ବିକାଶ ପାଇଁ ଏନ୍‌ଟିପିସିର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ପେପର କପ୍, ପ୍ଲାଷ୍ଟିକ କପ୍ ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ,୭।୩ (ଜ୍ୟୋତିରଞ୍ଜନ ସାହୁ)**

**ଦୋକାନୀଙ୍କୁ ସତର୍କ କଲା ଅନୁଗୋଳ ପୌର ପ୍ରଶାସନ**

ଅନୁଗୋଳ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ପାଇଁ ପୌରପାଳିକା ପକ୍ଷରୁ ଏକ ନୂତନ ପ୍ରୟାସ ଆରମ୍ଭ କରାଯାଇଛି। ସହର ଭିତରେ ଥିବା ସମସ୍ତ ଚା ଦୋକାନୀଙ୍କୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ନୋଟିସ କରି ଡକାଇବା ସହ ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ବୈଠକ କରିଥିଲେ। ଚା ଦେବା ବେଳେ ସମସ୍ତେ କାଚ ଗ୍ଲାସ କିମ୍ବା ଷ୍ଟିଲ ଗ୍ଲାସ ବ୍ୟବହାର କରିବା ପାଇଁ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ପେପର କପ୍ କିମ୍ବା ପ୍ଲାଷ୍ଟିକ କପ୍ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କୁହାଯାଇଥିଲା। କପ୍ ଗୁଡିକରେ ଚା ପିଇଦେଇ ଡଷ୍ଟବିନରେ ପକେଇବା ପରିବର୍ତ୍ତେ ଏଣେତେଣେ ପକାଇବା ଫଳରେ ଆବର୍ଜନା ଅଧିକ ହେଉଛି। ଏହି ନିର୍ଦ୍ଦେଶକୁ ଆଗାମୀ ୨ଦିନ ଭିତରେ ଦୋକାନୀମାନେ ପାଳନ ନ କଲେ ପରବର୍ତ୍ତୀ ସମୟରେ ଦୋକାନ ସିଲ୍ କରାଯିବ। ଯେଉଁ ଦୋକାନୀ କ୍ୟାବିନ ପକାଇଥିବେ ସେହି ଦୋକାନକୁ ପୌରପାଳିକା ପକ୍ଷରୁ ଉଠାଇ ଦିଆଯିବ। ପୌର ପ୍ରଶାସନର ଏହି ନିୟମକୁ ସାଧାରଣରେ ସ୍ୱାଗତ କରାଯାଇଛି।




ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ଓ ଦୋକାନୀମାନେ।

# ମାର୍ଚ୍ଚ ୧୨, ୧୩ରେ ହେବ ବିତର୍କ ପ୍ରତିଯୋଗିତା



ବିକଶିତ ଭାରତ ଯୁବ ସଂସଦ ସମ୍ପର୍କିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

## ବିକଶିତ ଭାରତ ଯୁବ ସଂସଦ ସମ୍ପର୍କିତ ଖବରଦାତା ସମ୍ମିଳନୀ

**ଢେଙ୍କାନାଳ,୭।୩(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ, ଏନ୍ଏସ୍ଏସ୍ ଡିପିଓ ଡ. ଦେବରାଜ ପରିଡ଼ା ଏବଂ ନୋଡାଲ ଅଫିସର ଡ. ରବର୍ଟ ଉଇଲସନ୍ ଭତ୍ରା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ତରଫରୁ ବିକଶିତ ଭାରତ ଯୁବ ସଂସଦ ଅଭିଯାନ ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ ଅନୁଗୋଳ ଓ ଢେଙ୍କାନାଳ ଜିଲା ପାଇଁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନୋଡାଲ କଲେଜ ଭାବରେ ମନୋନୀତ କରାଯାଇଛି। ଏହି ଅଭିଯାନରେ ୧୮ରୁ ୨୫ବର୍ଷର ଯେକୌଣସି ଯୁବତୀ ଯୁବକ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବା ପାଇଁ ମାର୍ଚ୍ଚ ୯ ତାରିଖ ରାତ୍ର ୧୧ଟା ୫୯ ପୂର୍ବରୁ 'ମାଇଁ ଭାରତ' ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ। ଅଂଶଗ୍ରହଣକାରୀ ଯୁବତୀ ଯୁବକ ଏକ ମିନିଟର ଭିଡିଓ 'ବିକଶୀତ ଭାରତ' ଉପରେ ପ୍ରସ୍ତୁତ କରି ପୋର୍ଟାଲରେ ଅପଲୋଡ୍ କରିବେ। ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧୫୦ ଜଣଙ୍କୁ ମନୋନୀତ କରାଯାଇ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ 'ଏକ ଦେଶ,ଏକ ନିର୍ବାଚନ' ୩ ମିନିଟର ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ କରାଯିବ। ଏହି ୧୫୦ ଜଣଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ ଜଣଙ୍କୁ ବିଚାରକମାନେ ମନୋନୀତ କରି ରାଜ୍ୟ କାର୍ଯ୍ୟକ୍ରମକୁ ପ୍ରେରଣ କରିବେ। ଶେଷରେ ସମଗ୍ର ଓଡ଼ିଶାରୁ ୩ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଜାତୀୟସ୍ତରର ବିକଶିତ ଭାରତ ଯୁବ ସଂସଦକୁ ମନୋନୀତ ହେବେ। ବିକଶିତ ଭାରତ ଯୁବ ସଂସଦ ଏକ ସାମାଜିକ ଅଭିଯାନ ଓ ଏହାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ପାଇଁ ୧୮ରୁ ୨୫ ବର୍ଷର ସମସ୍ତ ଯୁବତୀଯୁବକ ବହୁଳ ଭାବରେ ସାମିଲ ହୋଇ ବିକଶିତ ଭାରତ ସମ୍ପର୍କରେ ମତାମତ ଦେବା ପାଇଁ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍ ଓ ୟୁଥ୍ ଅଫିସର (ଭାରତ ସରକାର) ଅଜିତ୍ ଖୁସ୍ହା ଆହ୍ୱାନ ଦେଇଛନ୍ତି।

# ମଠକରଗୋଳା ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ସମ୍ମାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କାମାକ୍ଷାନଗର,୭।୩(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। 'ଜିନ- ବଂଶାନୁକ୍ରମ ଓ ବିଭେଦାୟନର ଏକକ' ପ୍ରସଙ୍ଗ ଉପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରଦୀପ୍ତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁଶାନ୍ତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହ ବଂଶାନୁକ୍ରମ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କାମାକ୍ଷାନଗର ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପିକା ସୁବାସିନୀ ସାଥୁଆ ମହାପାତ୍ର ଯୋଗଦେଇ ବିଭେଦାୟନର କାରଣ ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପିକା ପ୍ରଦିପ୍ତା ମହାପାତ୍ର, ରଶ୍ମିତା ଖୁଣ୍ଟିଆ ଓ ଶ୍ରାବଣୀ ସପ୍ତାର୍ଶ୍ଚର୍ଯୀ ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୁଶ୍ରୀ ସାଗରିକା ସାହୁ, ବିଷ୍ଣୁପ୍ରିୟା ନାୟକ, ସୁଭଦ୍ରା ମହାନ୍ତି, ବିସ୍ମୟ କୁମାର ଆଏଚ ଏବଂ ଦିବ୍ୟଜ୍ୟୋତି ଲେଙ୍କା ସ୍ୱରଚିତ ସମ୍ମାନ ପାଠ କରିଥିଲେ। ବରିଷ୍ଠ ଅଧ୍ୟାପିକା ସ୍ୱପ୍ନିତା ରାଉତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅଧ୍ୟକ୍ଷ ଦାଶ ବଂଶାନୁକ୍ରମର ପୌରାଣିକ ଦୃଷ୍ଟାନ୍ତ ପ୍ରଦାନ କରିବା ସହ ଏହା ଏକ ସାର୍ବଜନୀନ ପ୍ରସଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷଣ ଶିକ୍ଷାଦାନ ପ୍ରସ୍ତୁତି କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ବନ୍ତଳା,୭।୩(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ମାଟିଆ ସାହି ପଞ୍ଚାୟତ ପୁରୁଣାଗଡ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି ନେଇ ୨ ଦିନିଆ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଟିଆ ସାହି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୨୦ ଶିକ୍ଷୟିତ୍ରୀ ଶିକ୍ଷକ ଏହି କର୍ମଶାଳାରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାଏକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ବିନୟ କୁମାର ନାୟକ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସଂସାର ଭୋଇ ଓ ଶିବରାମ ମାଝୀ କର୍ମଶାଳା ପରିଦର୍ଶନ କରିଥିଲେ।

# ବାଲୁଙ୍କେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଢେଙ୍କାନାଳ,୭।୩(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ କାକୁଡ଼ିଭାଗ ପଞ୍ଚାୟତ ଅଧୀନ ଇଚ୍ଛାପୁର ବୋଲୁଅସାହି ଗ୍ରାମରେ ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରାରେ ଆଖପାଖ ଗ୍ରାମର ୩୦୦ ମହିଳା ଭାଗ ନେଇଥିଲେ। ପ୍ରୟାଗରାଜରୁ ସଂଗୃହିତ ଗଙ୍ଗା ନଦୀର ପବିତ୍ର ଜଳରେ ବିଗ୍ରହଙ୍କୁ ମହାସ୍ନାନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ମଧ୍ୟାହ୍ନ ଓ ରାତିରେ ଭକ୍ତମାନଙ୍କ ପାଇଁ ପ୍ରସାଦ ବନ୍ଦୋବସ୍ତ କରାଯାଇଥିଲା। ଆଚାର୍ଯ୍ୟ ସୁଧାକର ଦାଶଶର୍ମା, ଦୁର୍ଗାଚରଣ ମିଶ୍ରଶର୍ମା ଓ ନିରୋଦ କୁମାର ଦାଶଶର୍ମା, ପଣ୍ଡିତ ହରାଶ୍ୱର ମହାରାଜ, ଅମର ମୋହନ ମିଶ୍ରଶର୍ମା ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଏହି ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗ୍ରାମର ଛାୟାକାନ୍ତ ରାଉତ, ସଦାନନ୍ଦ ପ୍ରଧାନ, ଧରଣୀଧର ରାଉତ, ପ୍ରହ୍ଲାଦ ବେହେରା ଓ ବିଦ୍ୟାଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ବାଲୁଙ୍କେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ।

# ବୃତ୍ତି ପରୀକ୍ଷାରେ ବିଦ୍ୟାମନ୍ଦିରର ସଫଳତା


ଗୁରୁମା, ଗୁରୁଜୀଙ୍କ ସହ ସଫଳତା ପାଇଥିବା ଛାତ୍ରୀଛାତ୍ର।

**ବଅଁରପାଳ,୭।୩(ସୁବାସ ଚନ୍ଦ୍ର ସାହୁ)**

ନାଲ୍‌କୋ ନଗର ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାର ଫଳାଫଳ ପ୍ରକାଶ ପାଇସାରିଛି। ସରସ୍ୱତୀ ବିଦ୍ୟାମନ୍ଦିର ନାଲ୍‌କୋର ୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ବ୍ଲକର ୭ଟି ସ୍ଥାନ ମଧ୍ୟରୁ ପ୍ରଥମ ୪ଟି ସ୍ଥାନ ଏହି ଛାତ୍ରୀଛାତ୍ରମାନେ ହାସଲ କରିଛନ୍ତି। ଆୟୁଷ କୁମାର ପ୍ରଧାନ ୧ମ ସ୍ଥାନ, ଇପ୍‌ସିତା ମହାନ୍ତି ୨ୟ ସ୍ଥାନ, ସାଇକିଙ୍କର ପୃଷ୍ଟି ୩ୟ ସ୍ଥାନ, ଏବଂ ପ୍ରତ୍ୟୁଷ ଭୂତିଆ ୪ର୍ଥସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ସମ୍ପାଦକ, ଅଧ୍ୟକ୍ଷ ଡ.ଶତ୍ରୁଘ୍ନ ବେହେରା, ଉପାଧ୍ୟକ୍ଷା ସସ୍ମିତା ମହାନ୍ତି ଓ ପରିଚାଳନା ସମିତିର ସମସ୍ତ ସଦସ୍ୟ କୃତୀ ଛାତ୍ରୀଛାତ୍ର ଏବଂ ପ୍ରାଥମିକ-୧ର ସମସ୍ତ ଗୁରୁମା ଓ ଗୁରୁଜୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ନାଲ୍‌କୋ ଅଞ୍ଚଳର ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରି ଖେଳାଇଦେଇଛି।

# ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ ଦାବି


ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

**ଢେଙ୍କାନାଳ,୭।୩(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପୂର୍ବତନ ବିଧାୟକ ନବୀନ ନନ୍ଦ ଶୁକ୍ରବାର ଦାବି କରିଛନ୍ତି। ଦୀର୍ଘଦିନ ଧରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କେନ୍ଦ୍ର ନିର୍ମାଣ ସରିଥିଲେ ସୁଦ୍ଧା ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହେଉନାହିଁ ବୋଲି ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଗଁଦିଆ ବ୍ଲକର ୩୦ଟି ପଞ୍ଚାୟତରୁ ଆସୁଥିବା ମୃତଦେହ ବ୍ୟବଚ୍ଛେଦରେ ସମସ୍ୟା ଉପୁଜୁଛି। ଏହାକୁ ନେଇ ୨୦୨୩ ଅକ୍ଟୋବର ୨ ତାରିଖରେ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ପରିଷଦର ଆବାହକ ତଥା ଭାଜପାର ବରିଷ୍ଠ ନେତା ନବୀନ ନନ୍ଦ ଗୋଷ୍ଠୀକେନ୍ଦ୍ର ସମ୍ମୁଖରେ ଅନଶନ କରିଥିଲେ। ୨୦୨୪ ମସିହା ସାଧାରଣ ନିର୍ବାଚନରେ ଭାଜପା ସରକାର ଆସିଲେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ପୂର୍ବତନ ବିଧାୟକ କହିଛନ୍ତି। ତେଣୁ ଉକ୍ତ ପ୍ରତିଶ୍ରୁତି ମୁତାବକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଲ୍ୟ ବିଶେଷଜ୍ଞଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ସେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ଇ-ମେଲ ଯୋଗେ ଏକ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହାର ନକଲ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

# ରାଜନେତା, ବିଭିନ୍ନ ସଙ୍ଗଠନ ପକ୍ଷରୁ ସହାୟତା



ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

**ଆଠମଲ୍ଲିକ,୭।୩(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ଗୁରୁବାର ଭୟାବହ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଯାଇଥିବା ଅଗ୍ନି ବିପନ୍ନ ପରିବାରଙ୍କୁ ରିଲିଫ, ସାହାଯ୍ୟ, ସହଯୋଗ ସହ ଆଶ୍ୱାସନା ଦେବା ପାଇଁ ଶୁକ୍ରବାର ବିଭିନ୍ନ ରାଜନୈତିକ ବ୍ୟକ୍ତି ଓ ଅନୁଷ୍ଠାନର ସୁଅ ଛୁଟିଥିଲା। ହେଲେ ସର୍ବସ୍ୱ ହରେଇଥିବା

## ଅଗ୍ନିବିପନ୍ନଙ୍କ ଆଖିରୁ ଶୁଖୁନି ଲୁହ

ଅଗ୍ନି ବିପନ୍ନଙ୍କ ଆଖିରେ କେବଳ ଲୁହ ହିଁ ଦେଖିବାକୁ ମିଳିଥିଲା। ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଥିଲେ। ତାଙ୍କ ସହିତ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ତଥା ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଯୁବନେତା ପିନା ପାଣିଗ୍ରାହୀ, ରାମେଶ, ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେସରକାରୀ ବସ୍ ମାଲିକ ସଂଘ କର୍ମକର୍ତ୍ତା ପଞ୍ଚାନନ ମିଶ୍ର, ରୁଷଭ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିକାଶ ମିଶ୍ର, ଜୟନ୍ତ ସାହୁ ପ୍ରମୁଖ ପହଞ୍ଚି ରିଲିଫ ପ୍ରଦାନ କରିଥିଲେ। ଅନୁଗୋଳ ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁ ଅଗ୍ନିବିପନ୍ନଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ଦେବା ସହିତ ସମବେଦନା ଜଣାଇଥିଲେ। ତାଙ୍କ ସହିତ ରଞ୍ଜିତ ମୁଣ୍ଡା, ପ୍ରକାଶ ସେଠୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମନମୋହନ ମହାକୁଡ଼, ବଳଭଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କ ତରଫରୁ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ ଅଗ୍ନିବିପନ୍ନ ପରିବାରମାନଙ୍କୁ ୨ ହଜାର ଲେଖାଏ ଟଙ୍କା ଓ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ।

# ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା, ୭।୩ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଓ ଠାକୁରଗଡ଼ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଠାକୁରଗଡ଼ ଥାନା ପେଡିପଥର ଅଞ୍ଚଳର ଯାମିନୀ ବେହେରା ଓ କିଶୋରନଗର ଥାନା ହତାନାଳୀ ଗ୍ରାମର ଗେଜେ ବେହେରା। ସେମାନଙ୍କ ଠାରୁ ୨୧ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏ ନେଇ ୨ଟି ମାମଲା ରୁଜୁ କରାଯାଇ ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀଙ୍କ ସମେତ ସମସ୍ତ କର୍ମଚାରୀ ଏହି ଚଢ଼ାଉ କରିଥିଲେ।

# ସିଆରିଆ ଆନନ୍ଦାଶ୍ରମ ବୃଦ୍ଧାବୃଦ୍ଧଙ୍କ ଜଗା ଦର୍ଶନ

**ଢେଙ୍କାନାଳ,୭।୩(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ପଞ୍ଚାୟତ ସିଆରିଆ ଗ୍ରାମ ଆନନ୍ଦାଶ୍ରମ ପକ୍ଷରୁ ଗୁରୁବାର ବୃଦ୍ଧାବୃଦ୍ଧଙ୍କୁ ନେଇ ପୁରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯ ଜଣ ବୟୋଜ୍ୟେଷ୍ଠ ମହିଳା ଏବଂ ପୁରୁଷ ସାମିଲ ହୋଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମ ସଭାପତି ପ୍ରଭୁପାଦ ବ୍ରଜକିଶୋର, ସଭ୍ୟ ସାଇ ପ୍ରସାଦ ଦଳେଇ, ବିନୋଦିନୀ ବାରିକ, ମଞ୍ଜୁଶ୍ରୀ ଦଳେଇ, ଲିଟୁନା ଦଳେଇ, କର୍ପୁର ବେହେରା ଓ ସନ୍ତୋଷ କୁମାର ବେହେରା ପ୍ରମୁଖ ସେମାନଙ୍କୁ ସହଯୋଗ କରିବା ପାଇଁ ଯାତ୍ରା କରିଥିଲେ। ଜଗାଦର୍ଶନ ଅବସରରେ ଆଶ୍ରମ ସଭାପତି କହିଲେ, ବୟୋଜ୍ୟେଷ୍ଠମାନଙ୍କ ସେବାରେ ହିଁ ଆନନ୍ଦ ରହିଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ସୁବ୍ରତ କୁମାର ଦାସ, ଅକ୍ଷୟ କୁମାର ବେହେରା ଓ ପ୍ରବୋଧ କୁମାର ସାହୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଶ୍ରମର କାର୍ଯ୍ୟକ୍ରମକୁ ସମ୍ପାଦକ ଚିତ୍ତରଞ୍ଜନ ନାୟକ ଏବଂ ଉପ ସଭାପତି ଦିଲୀପ କୁମାର ଦାସ ସଫଳ କରିବା ପାଇଁ ସହାୟତା ପ୍ରଦାନ କରିଥିଲେ।


ସିଆରିଆ ଆନନ୍ଦାଶ୍ରମ ବୃଦ୍ଧାବୃଦ୍ଧମାନେ ଜଗା ଦର୍ଶନ ପାଇଁ ପୁରୀ ଆସିଛନ୍ତି।

# କମ୍ ଦାମ ଔଷଧର ସୁଯୋଗ ନିଅନ୍ତୁ ଜନସାଧାରଣ

## ଜନଔଷଧି ଦିବସ ପାଳିତ

**ଢେଙ୍କାନାଳ,୭।୩(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ଶଙ୍କରପୁରଠାରେ ଗୁରୁବାର ଜନ ଔଷଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ, ଜନ ଔଷଧୀ କେନ୍ଦ୍ରଗୁଡିକରେ ବଜାରଠାରୁ କମ୍ ଦାମରେ ଔଷଧ ମିଳୁଥିବାରୁ ଜନସାଧାରଣ ଏହାର ସୁଯୋଗ ନେବା ଉଚିତ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳମଣି ଦିଲୀପଚାନ୍ଦ ବେହେରା ଓ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶନୀ ଉପସ୍ଥିତ ଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ବ୍ୟାପକ କରିବା ପାଇଁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଔଷଧୀ ଦିବସ ପାଳନ କରାଯାଉଛି। ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀଙ୍କୁ ଚିହ୍ନଟ କରାଯାଇ ପ୍ରତ୍ୟେକ ଚିହ୍ନଟ ରୋଗୀଙ୍କୁ ୩୦ଦିନ ପର୍ଯ୍ୟନ୍ତ ମାଗଣା ଔଷଧ ପ୍ରଦାନ କରାଯିବ। ରୋଗୀ ସହାୟତା ଗୋଷ୍ଠୀ ସଭାମାନ ଆୟୋଜନ କରାଯାଇ ଚିକିତ୍ସା ସେବା ଓ ଉପକାରିତା ଉପରେ ଆଲୋଚନା ହୋଇଥିଲା। ଏଥିସହିତ ସଚେତନତା ମାଧ୍ୟମରେ ଔଷଧ ଓ ସେବା ଉପଲବ୍ଧ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶା, ମହିଳା ଆରୋଗ୍ୟ ସମିତି, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ମେଡିକାଲ ଅଫିସରମାନେ ସହଯୋଗ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡିକରେ ମଧୁମେହ ଓ ଉଚ୍ଚ ରକ୍ତଚାପ ସମେତ ୧୦୬ ପ୍ରକାରର ଔଷଧ ମାଗଣାରେ ଉପଲବ୍ଧ ହେଉଛି। ଏଥିସହିତ ଫିଜିଓଥେରାପି ଓ ଯୋଗ ଶିବିର ଏବଂ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ପ୍ରଦାନ କରିଥିଲେ।


ଜନ ଔଷଧୀ ଦିବସ ପାଳନ ଅବସରରେ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କ ସହ ଅନ୍ୟମାନେ।

